# ଅଧ୍ୟାୟ ୧୩

## ପାଠର ନାମ—ଓଡ଼ିଆ ଭାଷାର ବାକ୍ୟ-ବିନ୍ୟାସ

**ଗଠନକ୍ରମ**

୧୩.୦ ଉଦ୍ଦେଶ୍ୟ

୧୩.୧ ଉପକ୍ରମଣିକା

୧୩.୨ ମୂଳପାଠର ପ୍ରଥମାଂଶ

୧୩.୩ ମୂଳପାଠର ଦ୍ୱିତୀୟାଂଶ

୧୩.୪ ମୂଳପାଠର ଶେଷାଂଶ

୧୩.୫ ସାରାଂଶ

୧୩.୬ ଶବ୍ଦାର୍ଥ

୧୩.୭ ପଠନ ଅଭ୍ୟାସ

୧୩.୮ ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀର ଉତ୍ତର

୧୩.୯ ଉତ୍ତର ପ୍ରଦାନ ପାଇଁ ପ୍ରଶ୍ନାବଳୀ

## ୧୩.୦ ଉଦ୍ଦେଶ୍ୟ

ଶବ୍ଦଗୁଡ଼ିକର ସମଷ୍ଟିକୁ ବାକ୍ୟ କୁହାଯାଏ ନାହିଁ । ପ୍ରତ୍ୟେକ ଭାଷାର ନିଜସ୍ୱ ବାକ୍ୟ ଗଠନ ପଦ୍ଧତି ଥାଏ । ସେହି ପଦ୍ଧତି ଅନୁସରଣରେ ବାକ୍ୟ ସୃଷ୍ଟି କରାଯାଇଥାଏ । ଯଦିଓ ବାକ୍ୟ ଗଠନ ପାଇଁ ପ୍ରତ୍ୟେକ ଭାଷାରେ କେତୋଟି ନିର୍ଦ୍ଦିଷ୍ଟ ପଦ୍ଧତି ଥାଏ, ସେଗୁଡ଼ିକୁ ଅନୁସରଣ କରି ଅନିର୍ଦ୍ଦିଷ୍ଟ ସଂଖ୍ୟକ ବାକ୍ୟ ଗଠନ କରାଯାଇପାରେ । କୌଣସି ଏକ ଭାଷା ବିଷୟରେ ଜାଣିବା ପୂର୍ବରୁ ଏବଂ ଉକ୍ତ ଭାଷାକୁ ବ୍ୟବହାର କରିବା ପୂର୍ବରୁ ଏହାର ବାକ୍ୟ ଗଠନ ପଦ୍ଧତି ସମ୍ପର୍କରେ ଅବଗତ ହେବା ଉଚିତ୍ । ନଚେତ୍ ଭାବ ବିନିମୟରେ ସଙ୍କଟ ସୃଷ୍ଟି ହେବାର ସମ୍ଭାବନା ରହିଛି । ସେହି ଉଦ୍ଦେଶ୍ୟରେ 'ଓଡ଼ିଆ ଭାଷାରେ ବାକ୍ୟ-ବିନ୍ୟାସ' ପାଠଟି ଲିଖିତ ।

## ୧୩.୧ ଉପକ୍ରମଣିକା

ଓଡ଼ିଆ ଭାଷାରେ 'କର୍ତ୍ତା+କ୍ରିୟା' ହେଲା ବାକ୍ୟ ଗଠନର ଏକତମ ପଦ୍ଧତି । ଏହି ପଦ୍ଧତି ଅନୁସରଣ କରି ଅସଂଖ୍ୟ ବାକ୍ୟ ଗଠନ କରାଯାଇ ପାରେ । ଯଥା :—

ମୁଁ ଯାଏ ।

ମୁଁ ଶୁଏ ।

ରାମ ଖାଏ ।

ରାମ ଖେଳୁଛି ।

ଓଡ଼ିଆ ଭାଷାର ବାକ୍ୟ ଗଠନ ପାଇଁ ଶବ୍ଦ-ସଜ୍ଜୀକରଣର କେତୋଟି ନିର୍ଦ୍ଦିଷ୍ଟ ପଦ୍ଧତି ରହିଛି । କିନ୍ତୁ ଓଡ଼ିଆ ବାକ୍ୟ ଗଠନ ପଦ୍ଧତି ଏତେ ନମନୀୟ ଯେ ଅନେକ କ୍ଷେତ୍ରରେ ଶବ୍ଦର ସ୍ଥାନ ପରିବର୍ତ୍ତନ ହେଲେ ମଧ୍ୟ ଅର୍ଥରେ ବିଶେଷ ପରିବର୍ତ୍ତନ ହୁଏ ନାହିଁ । ଯଥା :—

ମୁଁ ସ୍କୁଲକୁ ଯାଉଛି ।

ସ୍କୁଲକୁ ମୁଁ ଯାଉଛି ।

ମୁଁ ଯାଉଛି ସ୍କୁଲକୁ ।

ତେବେ ସରଳ ବାକ୍ୟରେ ଏପରି ପରିବର୍ତ୍ତନ ଯେତେ ସହଜ, ଜଟିଳ ବା ଯୌଗିକ ବାକ୍ୟରେ ସେତେ ନୁହେଁ ।

ଓଡ଼ିଆରେ ନାସ୍ତିବାଚକ ବାକ୍ୟ ଗଠନ ଏବଂ ଅସ୍ତିବାଚକ ବାକ୍ୟକୁ ନାସ୍ତିବାଚକ ବାକ୍ୟରେ ପରିବର୍ତ୍ତନ ପାଇଁ ମଧ୍ୟ କେତେକ ନିର୍ଦ୍ଦିଷ୍ଟ ପଦ୍ଧତି ଅଛି । ଏହି ପ୍ରବନ୍ଧରେ ଓଡ଼ିଆ ଭାଷାର ବାକ୍ୟ-ବିନ୍ୟାସ ଉପରେ ଆଲୋଚନା କରାଯାଉଛି । ଆବଶ୍ୟକ ସ୍ଥଳେ ଉଦାହରଣ ଦିଆଯାଇଛି । ଆପଣମାନେ ପ୍ରବନ୍ଧଟିକୁ ମନଦେଇ ପଢ଼ନ୍ତୁ । ପ୍ରବନ୍ଧ ପରେ ପରେ ଏହାର ସାରାଂଶ ଦିଆଯାଇଛି । ପ୍ରବନ୍ଧ ଏବଂ ସାରାଂଶ ପଢ଼ି ସାରିଲା ପରେ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅନ୍ତୁ ।

## ୧୩.୨ ମୂଳପାଠର ପ୍ରଥମାଂଶ

କେତେଗୁଡ଼ିଏ ପଦ ମିଳିତ ହୋଇ ପୂର୍ଣ୍ଣ ରୂପେ ଅର୍ଥ ପ୍ରକାଶ କଲେ ତାକୁ ବାକ୍ୟ କୁହାଯାଏ। କେବଳ କେତୋଟି ଶବ୍ଦର ସମଷ୍ଟିକୁ ବାକ୍ୟ କହନ୍ତି ନାହିଁ । କୌଣସି ଉକ୍ତି ବାକ୍ୟ ପଦବାଚ୍ୟ ହେବା ପାଇଁ ମୁଖ୍ୟତଃ ତିନୋଟି ଗୁଣ ସମ୍ପନ୍ନ ହୋଇଥିବା ଆବଶ୍ୟକ । ସେଗୁଡ଼ିକ ହେଲା :—

୧. ଉକ୍ତିଟି ସ୍ୱୟଂ ସମ୍ପୂର୍ଣ୍ଣ ହେବା ଉଚିତ ।

''ସେଇ ବୁଢ଼ା ଲୋକଟି ଯାଉ ଯାଉ......

ଉପର୍ଯ୍ୟୁକ୍ତ ଉଦାହରଣଟି ଅସମ୍ପୂର୍ଣ୍ଣ ଅଟେ । ତେଣୁ ଏହା ବାକ୍ୟ ରୂପରେ ବିବେଚିତ ହେବ ନାହିଁ । କିନ୍ତୁ ''ସେଇ ବୁଢ଼ା ଲୋକଟି ଯାଉ ଯାଉ ପଡ଼ିଗଲା ।'' ଗୋଟିଏ ବାକ୍ୟ । କାରଣ ଏଥିରେ ଉକ୍ତିଟି ସମ୍ପୂର୍ଣ୍ଣ ଭାବରେ ପ୍ରକାଶିତ ହୋଇଛି ।

୨. ବାକ୍ୟରେ ବ୍ୟବହୃତ ପଦଗୁଡ଼ିକ ମଧ୍ୟରେ ସମ୍ପର୍କ ରହିଥିବା ଆବଶ୍ୟକ । ଶବ୍ଦଗୁଡ଼ିକ ପରସ୍ପର ବିରୋଧୀ ହେଲେ ବାକ୍ୟଟି ଅର୍ଥହୀନ ହୁଏ ଓ ବାକ୍ୟ ପଦବାଚ୍ୟ ହୁଏ ନାହିଁ । ଯଥା :—

ଗଛଟି ହସି ହସି ଚାଲିଗଲା ।

ହାତୀଗୁଡ଼ିକ ଉଡ଼ିଯାଉଛନ୍ତି ।

ଉପର ଉଦାହରଣ ଦୁଇଟି ବାକ୍ୟ ପଦବାଚ୍ୟ ନୁହଁନ୍ତି । କାରଣ ବାକ୍ୟଟିରେ ଗଛଟି ହସିବା ବା ଚାଲିବା ସମ୍ଭବ ନୁହେଁ । ହାତୀଗୁଡ଼ିକ ଉଡ଼ିବା ମଧ୍ୟ ସେପରି ସମ୍ଭବ ନୁହେଁ ।

କିନ୍ତୁ ସ୍ଥଳ ବିଶେଷରେ ଈଶ୍ୱରଙ୍କ ମହିମା ପ୍ରକାଶ କରିବା ଉଦ୍ଦେଶ୍ୟରେ ଅଥବା କବିର କଳ୍ପନାରେ ଏହାର ବ୍ୟତିକ୍ରମ ହୋଇଥାଏ । ଉଦାହରଣ :—

(କ) ଈଶ୍ୱରଙ୍କ ମହିମା ଦେଖ, ମନ୍ତ୍ରପାଣି ପଡ଼ିବା ମାତ୍ରେ ଶବଟି କଥା କହିବା ଆରମ୍ଭ କଲା ।

(ଖ) ସନ୍ଧ୍ୟା ହେଲା ମାତ୍ରେ ତା ଗାଁଟି ଘୁମେଇ ପଡ଼େ ।

୩. ବାକ୍ୟରେ ପଦଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ନିୟମାନୁସାରେ ଉପସ୍ଥାପିତ ହୋଇଥାନ୍ତି । ପଦଗୁଡ଼ିକ ଏପରି ବିନ୍ୟସ୍ତ ହେବା ଉଚିତ ଯାହା ଫଳରେ ଗୋଟିଏ ପଦ ଶୁଣି ତା ପରବର୍ତ୍ତୀ ପଦ ଶୁଣିଲେ ଜ୍ଞାନର ଧାରା ଅପରିବର୍ତ୍ତିତ ରହିବ । ତା ନହେଲେ ଅର୍ଥ ପ୍ରକାଶିତ ହୋଇପାରେ ନାହିଁ ।

ଯଥା :—''ବେଳେ ଲାଗେ ଥିବା ନାହିଁ ପରହାତରେ ଦରକାର ଧନ ।''

ଏହା ଗୋଟିଏ ବାକ୍ୟ ନୁହେଁ । କାରଣ ଏହା ନିୟମାନୁସାରେ ଉପସ୍ଥାପିତ ହୋଇ ନାହିଁ । କିନ୍ତୁ ସେହି ଶବ୍ଦଗୁଡ଼ିକୁ ନିୟମାନୁସାରେ ସଜାଇ ଦେଲେ ତାହା ଗୋଟିଏ ବାକ୍ୟ ହୋଇଯିବ ।

ଯଥା :—ପର ହାତରେ ଥିବା ଧନ ଦରକାର ବେଳେ କାମରେ ଲାଗେ ନାହିଁ ।

ବାକ୍ୟଗୁଡ଼ିକ ମୁଖ୍ୟତଃ—କର୍ତ୍ତା+କ୍ରିୟା କିମ୍ବା କର୍ତ୍ତା+କର୍ମ+କ୍ରିୟା, ଏହି କ୍ରମରେ ଯୁକ୍ତ ହୋଇଥାନ୍ତି ।

ଯଥା :—ରାମ ଖେଳିଲା । (କର୍ତ୍ତା+କ୍ରିୟା)

ରାମ ଫୁଟବଲ ଖେଳିଲା । (କର୍ତ୍ତା+କର୍ମ+କ୍ରିୟା)

ଓଡ଼ିଆରେ ଶବ୍ଦକ୍ରମ ଯଥେଷ୍ଟ ନମନୀୟ । ଶୈଳୀର ସୌନ୍ଦର୍ଯ୍ୟ ପାଇଁ କିମ୍ବା ଭାଷାର ଅଂଶ ବିଶେଷରେ ଗୁରୁତ୍ୱ ଆରୋପ ପାଇଁ ଏହି କ୍ରମର ପରିବର୍ତ୍ତନ କରାଯାଇପାରେ ।

"ରମ ଫୁଟବଲ ଖେଳିଲା ।" ବାକ୍ୟଟିକୁ ଆମେ ନିମ୍ନତର ପ୍ରଦତ୍ତ କ୍ରମରେ ବି ଲେଖିପାରିବା । ଫୁଟବଲ ରମ ଖେଳିଲା । (ଯଦୁ, ମଧୁ, ନୁହଁନ୍ତି, ରମ ଖେଳିଲା) ରମ ଖେଳିଲା ଫୁଟବଲ । କ୍ରିକେଟ କି ହକି ନୁହେଁ, କେବଳ ଫୁଟବଲ)

**ବାକ୍ୟର ପ୍ରକାର ଭେଦ**

ବର୍ତ୍ତମାନ ଆସନ୍ତୁ ବାକ୍ୟର ପ୍ରକାର ଭେଦ ଉପରେ ଆଲୋଚନା କରିବା । ଓଡ଼ିଆରେ ତିନି ପ୍ରକାର ବାକ୍ୟ ଦେଖାଯାଏ । ଯଥା :—ସରଳ, ଯୌଗିକ ଏବଂ ଜଟିଳ ।

**ସରଳ ବାକ୍ୟ :**

ଯେଉଁ ବାକ୍ୟରେ ଗୋଟିଏ ମାତ୍ର ସମାପିକା କ୍ରିୟା ଥାଏ ତାହାକୁ ସରଳ ବାକ୍ୟ କୁହାଯାଏ ।

ଯଥା :—ସେ ସ୍କୁଲ ଯାଏ ।

ମୁଁ ସକାଳୁ ଉଠିଲି ।

**ଯୌଗିକ ବାକ୍ୟ :**

ଦୁଇ ବା ତହିଁରୁ ଅଧିକ ସରଳ ବାକ୍ୟ, 'ଓ'; 'କିମ୍ବା', 'ଅଥବା', 'ନୋହିଲେ' ପରି ସଂଯୋଜକ ଅବ୍ୟୟ ସାହାଯ୍ୟରେ ଏକାଠି ଯୁକ୍ତ ହେଲେ ଉକ୍ତ ବାକ୍ୟକୁ ଯୌଗିକ ବାକ୍ୟ କୁହାଯାଏ ।

ଯଥା :—ସେ ସ୍କୁଲକୁ ଯିବ, ନହେଲେ ଘରେ ପଢ଼ିବ ।

ମୁଁ କଟକ ଯିବି ଏବଂ ତାକୁ ଆଣିବି ।

**ଜଟିଳ ବାକ୍ୟ :**

କୌଣସି ସଂଯୋଜକର ସାହାଯ୍ୟରେ ଦୁଇ ବା ତହିଁରୁ ଅଧିକ ଖଣ୍ଡବାକ୍ୟ ମିଳିତ ହୋଇ ଯେଉଁ ବାକ୍ୟ ଗଠିତ ହୁଏ ତାହାକୁ ଜଟିଳ ବାକ୍ୟ କୁହାଯାଏ । ପ୍ରତ୍ୟେକ ଜଟିଳ ବାକ୍ୟରେ ଗୋଟିଏ ପ୍ରଧାନ ଖଣ୍ଡବାକ୍ୟ ଥାଏ ଏବଂ ଅନ୍ୟଗୁଡ଼ିକ ଆଶ୍ରିତ ଖଣ୍ଡବାକ୍ୟ ରୂପେ ବ୍ୟବହୃତ ହୁଅନ୍ତି ।

(କ) ସେ ଯାଇଥିଲେ ମୁଁ ଯାଇଥାନ୍ତି ।

(ଖ) ଯାହା ପୁଅକୁ ସାପ କାମୁଡ଼ିଥାଏ ତା ମା ପାଳ ଦଉଡ଼ି ଦେଖିଲେ ଡରେ ।

ବାକ୍ୟ (କ) ରେ 'ମୁଁ ଯାଇଥାନ୍ତି' ପ୍ରଧାନ ଖଣ୍ଡବାକ୍ୟ । ସେ 'ଯାଇଥିଲେ' ଆଶ୍ରିତ ଖଣ୍ଡବାକ୍ୟ । ସେହିପରି ବାକ୍ୟ (ଖ) ରେ 'ତା ମା ପାଳ ଦଉଡ଼ି ଦେଖିଲେ ଡରେ' ପ୍ରଧାନ ଖଣ୍ଡବାକ୍ୟ ଓ 'ଯାହା ପୁଅକୁ ସାପ କାମୁଡ଼ିଥାଏ' ଆଶ୍ରିତ ଖଣ୍ଡବାକ୍ୟ ।

ଏକ ପ୍ରକାରର ବାକ୍ୟକୁ ଅନ୍ୟ ପ୍ରକାରର ବାକ୍ୟରେ ମଧ୍ୟ ପରିଣତ କରାଯାଇପାରେ ।

ଯଥା :—

୧. (କ) ସେ ଗାଁ ଛାଡ଼ି ସହରରେ ରହିଲେ ।—ଏକ ସରଳ ବାକ୍ୟ

(ଖ) ସେ ଗାଁ ଛାଡ଼ିଦେଲେ ଏବଂ ସହରରେ ରହିଲେ ।—ଏକ ଯୌଗିକ ବାକ୍ୟ

(ଗ) ଯେହେତୁ ସେ ଗାଁ ଛାଡ଼ିଲେ ସେହେତୁ ସେ ସହରରେ ରହିଲେ ।
—ଏକ ଜଟିଳ ବାକ୍ୟ

୨. (କ) ମୁଁ ଷ୍ଟେସନରେ ପହଞ୍ଚିଲା ବେଳକୁ ଟ୍ରେନ୍ ଛାଡ଼ି ଦେଇଥିଲା ।—ଏକ ସରଳ ବାକ୍ୟ

(ଖ) ମୁଁ ଯେତେବେଳେ ଷ୍ଟେସନରେ ପହଞ୍ଚିଲି ସେତେବେଳେ ଟ୍ରେନ୍ ଛାଡ଼ିଦେଇଥିଲା ।
—ଏକ ଜଟିଳ ବାକ୍ୟ

୩. (କ) ସେ ମିଛ କହିବାରୁ ଧରାପଡ଼ିଲା ।—ସରଳ ବାକ୍ୟ

(ଖ) ସେ ମିଛ କହିଲା ଏବଂ ଧରା ପଡ଼ିଲା ।—ଯୌଗିକ ବାକ୍ୟ

(ଗ) ସେ ଯେତେବେଳେ ମିଛ କହିଲା ସେତେବେଳେ ଧରା ପଡ଼ିଲା ।—ଜଟିଳ ବାକ୍ୟ

**୨୩.୨ ମୂଳପାଠଗତ ପ୍ରଶ୍ନ :**

୧. ଉପର ଅଧ୍ୟାୟଟି ଆଉଥରେ ପଢ଼ନ୍ତୁ ଏବଂ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ୫୦ଟି ଶବ୍ଦ ମଧ୍ୟରେ ଦିଅନ୍ତୁ ।

(କ) କୌଣସି ଉକ୍ତି ବାକ୍ୟ ପଦବାଚ୍ୟ ହେବାପାଇଁ କେଉଁ କେଉଁ ଗୁଣ ସମ୍ପନ୍ନ ହେବା ଉଚିତ ?

(ଖ) ବାକ୍ୟ କେତେ ପ୍ରକାରର ?

୨. ନିମ୍ନଲିଖିତ ବାକ୍ୟଗୁଡ଼ିକୁ ବନ୍ଧନୀ ମଧ୍ୟସ୍ଥ ନିର୍ଦ୍ଦେଶ ଅନୁସାରେ ପୁନର୍ଗଠନ କରନ୍ତୁ ।

(କ) ମୁଁ ସକାଳୁ ଉଠେ ଏବଂ ବୁଲିବାକୁ ଯାଏ । (ସରଳ ବାକ୍ୟରେ ପରିଣତ କରନ୍ତୁ)

(ଖ) ସେ ପ୍ରତିଦିନ ଖେଳନ୍ତି । (ଭବିଷ୍ୟତ କାଳରେ ପରିବର୍ତ୍ତନ କରନ୍ତୁ)

(ଗ) ମୁଁ ଅଫିସ୍ ଯାଉଥିଲି । ସେ ଘରକୁ ଆସୁଥିଲେ । (ଜଟିଳ ବାକ୍ୟରେ ପରିଣତ କରନ୍ତୁ)

(ଘ) ସେ ଘରେ ନଖାଇ ହୋଟେଲରେ ଖାଇଲା । (ଯୌଗିକ ବାକ୍ୟରେ ପରିଣତ କରନ୍ତୁ)

## ୧୩.୩ ନିପାତ

ଓଡ଼ିଆ ଭାଷାରେ ନିପାତଗୁଡ଼ିକ ଅବ୍ୟୟ ଏବଂ ଏଗୁଡ଼ିକ ଭାଷା ସରଞ୍ଚନାରେ ସାହାଯ୍ୟ କରନ୍ତି । ଏମାନଙ୍କ ମଧ୍ୟରୁ ଟା ଓ ଟି ନିପାତ ଦୁଇଟି ବସ୍ତୁର ଆକାର ସହ ସମ୍ପୃକ୍ତ ।

ଯଥା :—କୋଠା ଘରଟା କାହାର ।

କୁଡ଼ିଆଟି କାହାର । ଇତ୍ୟାଦି

କିନ୍ତୁ ଅନେକ ସମୟରେ 'ଟି' ସହାନୁଭୂତିଶୀଳତା ଏବଂ 'ଟା' ସହାନୁଭୂତିହୀନତା ବ୍ୟକ୍ତ କରନ୍ତି ।

ଯଥା :—ଚୋରଟା ଧରା ପଡ଼ିଲା ।

ବୁଢ଼ା ଲୋକଟି ଶୀତରେ ଥରୁଛି ।

କୌଣସି ପ୍ରଶ୍ନବାଚକ ଅବ୍ୟୟ ପ୍ରୟୋଗ ନକରି କେବଳ ଅନୁତାନ ପରିବର୍ତ୍ତନ ଦ୍ୱାରା ଓଡ଼ିଆରେ ବକ୍ତବ୍ୟକୁ ପ୍ରଶ୍ନରେ ପରିଣତ କରାଯାଇପାରେ ।

ଯଥା :—ସେ ଗପ ଲେଖେ ।

ସେ ଗପ ଲେଖେ ?

ଏ ପ୍ରକାର ପ୍ରଶ୍ନର ଉତ୍ତର କେବଳ ହଁ ବା ନାହିଁରେ ମିଳିଥାଏ । କିନ୍ତୁ ବକ୍ତବ୍ୟ ଜାତୀୟ ଉତ୍ତର ପାଇଁ କି, କିଏ, କଅଣ, କେବେ, କେଉଁ, କିପରି, କେମିତି, କାହିଁକି, କେତେ ଇତ୍ୟାଦି ପ୍ରଶ୍ନବାଚୀ ଅବ୍ୟୟର ବ୍ୟବହାର ଦରକାର ପଡ଼ିଥାଏ ।

ଏମାନଙ୍କ ଭିତରୁ କେଉଁ ଓ କେତେ ସାଧାରଣତଃ ବିଶେଷ୍ୟ ପୂର୍ବରୁ ବ୍ୟବହୃତ ହୋଇଥାଏ ।

କେଉଁ ଘର, କେତେ ବାଟ, କେଉଁ ଲୋକ ଇତ୍ୟାଦି । ଏଗୁଡ଼ିକ ବହୁ ଉତ୍ତର ଭିତରୁ କେବଳ ଗୋଟିକୁ ଅପେକ୍ଷା କରିଥାନ୍ତି । 'କି' ଅବ୍ୟୟ ଏକ ଅସ୍ତିବାଚକ ବାକ୍ୟ ଶେଷରେ ବସି ଉକ୍ତ ବାକ୍ୟକୁ ଏକ ପ୍ରଶ୍ନବାଚକ ବାକ୍ୟରେ ପରିଣତ କରାଏ ଏବଂ ଏହି ପ୍ରଶ୍ନବାଚକ ବାକ୍ୟର ଉତ୍ତର ସାଧାରଣତଃ ହଁ ବା ନାହିଁରେ ମିଳିଥାଏ ।

ଯଥା :—ସେ ଭଲ ଖେଳେ ।

ସେ ଭଲ ଖେଳେ କି ?

ତୁମେ ରୁଟି ଖାଅ ।

ତୁମେ ରୁଟି ଖାଅ କି ?

କଅଣର ଏକ ବିକଳ୍ପ ରୂପ ହେଉଛି କଣ । କ୍ରିୟା ପୂର୍ବରୁ 'କଅଣ' ବ୍ୟବହାର ଦ୍ୱାରା ଯେଉଁ ପ୍ରଶ୍ନର ସୃଷ୍ଟି ହୁଏ ତାହାର ଉତ୍ତର ବକ୍ତବ୍ୟ ସୂଚକ ହୋଇଥାଏ କିନ୍ତୁ କ୍ରିୟା ପୂର୍ବରୁ 'କଣ' ବ୍ୟବହାର ହେଲେ ଅସ୍ତି-ବାଚକ ବା ନାସ୍ତିବାଚକ ହୁଏ ।

ତୁମେ କଅଣ ଖେଳ ? (ତୁମେ କି ଖେଳ ଖେଳ ?)

ତୁମେ କଣ ଖେଳ ? (ତୁମେ ଖେଳାଖେଳି କର କି ?

ଓଡ଼ିଆରେ କେତୋଟି ନିଷେଧ ନିପାତ ଅଛି । ସେଗୁଡ଼ିକ ହେଲା ନ, ନି, ନାହିଁ, ନା ।

ନ ସାଧାରଣତଃ ସାପେକ୍ଷ ରଚନାରେ ଧାତ୍ୱାଙ୍ଗ କ୍ରିୟା କିମ୍ବା ପଦବନ୍ଧ ପୂର୍ବରୁ ବ୍ୟବହୃତ ହୁଏ ଯଥା :—ସେ ନ ଖେଳିଲେ ଆମେ ହାରିଯିବୁ ।

'ନାହିଁ', 'ନି' ନିପାତଗୁଡ଼ିକ କ୍ରିୟା ପରେ ପ୍ରଯୁକ୍ତ ହୁଅନ୍ତି । 'ନି', 'ନାହିଁ' ନିପାତ ସଂକ୍ଷିପ୍ତ ରୂପ ଓ ଓଡ଼ିଆ ବାକ୍ୟରେ ବହୁଳ ଭାବରେ ବ୍ୟବହୃତ ହୁଏ ।

ମୁଁ ଘରକୁ ଯିବି ନାହିଁ/ଯିବିନି ।
ସେ କାଲି ଆସିଲେ ନାହିଁ/ଆସିଲେନି ।

ନିଷେଧାତ୍ମକ ରଚନାରେ 'ନାହିଁ'ର ବ୍ୟବହାର ବହୁଳ ଭାବରେ ହୋଇଥାଏ । 'ଅଛି'ର ନିଷେଧାତ୍ମକ କ୍ରିୟା ରୂପେ ବ୍ୟବହୃତ ହେଉଥିବା କ୍ଷେତ୍ରରେ ଏପରି ଦୃଷ୍ଟାନ୍ତ ଲକ୍ଷ୍ୟ କରାଯାଏ ।

ଯଥା :—ସେ ଘରେ ଅଛି ।
ସେ ଘରେ ନାହିଁ ।
ସେ ଏବେ ବଜାର ଯାଉଛି ।
ସେ ଏବେ ବଜାର ଯାଉନାହିଁ । ('ଯାଉନି'ର ବ୍ୟବହାର ମଧ୍ୟ ଅଛି)

ଓଡ଼ିଆରେ ତୃତୀୟ ନିଷେଧ ନିପାତ ହେଉଛି ନା । ଏହା ଏକ ପ୍ରଶ୍ନର ଉତ୍ତର ହୋଇପାରେ ।

ଯଥା :—ପ୍ରଶ୍ନ—ତମେ କଣ କାଲି ଗାଁକୁ ଯାଇଥିଲ ?
ଉତ୍ତର—ନା ।

ପୁଣି 'ନା' କୌଣସି ଅସ୍ତିବାଚକ ଶବ୍ଦର ଆରମ୍ଭରେ ବସି ଏହାକୁ ନାସ୍ତିବାଚକ ବାକ୍ୟରେ ପରିଣତ କରିପାରେ ।

ଯଥା :—ପ୍ରଶ୍ନ—ଆପଣ କଣ ସିନେମା ଯାଇଥିଲେ ?
ଉତ୍ତର—ନା, ମୁଁ ବଜାର ଯାଇଥିଲି ।

**୧୩.୩କ ପ୍ରଶ୍ନ**

୧. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅନ୍ତୁ ।
(କ) ଟା ଓ ଟି ନିପାତ ଦୁଇଟି ମଧ୍ୟରେ ଥିବା ବ୍ୟବହାରିକ ପାର୍ଥକ୍ୟ ଦର୍ଶାନ୍ତୁ ।
(ଖ) ଓଡ଼ିଆରେ ପ୍ରଶ୍ନବାଚକ ବାକ୍ୟ କି କି ଉପାୟରେ ଗଠନ କରାଯାଇ ପାରେ ଉଦାହରଣ ଦେଇ ଦର୍ଶାନ୍ତୁ ।

୨. ନିମ୍ନଲିଖିତ ବାକ୍ୟଗୁଡ଼ିକୁ ବନ୍ଧନୀ ମଧ୍ୟସ୍ଥ ନିର୍ଦ୍ଦେଶ ଅନୁସାରେ ପୁନର୍ଗଠନ କରନ୍ତୁ ।
(କ) ଆପଣ କଣ ଘରକୁ ଯିବେ । (ନାସ୍ତିବାଚକ ବାକ୍ୟରେ)
(ଖ) ରଘୁବାବୁଙ୍କର ଭୁବନେଶ୍ୱରରେ ଗୋଟିଏ ଘର ଅଛି । (ପ୍ରଶ୍ନବାଚକ ବାକ୍ୟରେ)
(ଗ) ମୁଁ ଆଜି ସନ୍ଧ୍ୟାବେଳେ ଘରେ ରହିବି । (ନାସ୍ତିବାଚକ ବାକ୍ୟରେ)
(ଘ) ସେ ବର୍ତ୍ତମାନ ଅଫିସ୍‌ରେ ଥିବେ । (ନାସ୍ତିବାଚକ ବାକ୍ୟରେ)
(ଙ) ତୁମେ କୁଆଡ଼େ ଯିବ ? (କି ବ୍ୟବହାର କରି ବାକ୍ୟଟିକୁ ପୁନର୍ଗଠନ କରନ୍ତୁ)

**୧୩.୪ ପ୍ରତ୍ୟକ୍ଷ ଉକ୍ତି ଓ ପରୋକ୍ଷ ଉକ୍ତି :**

କହୁଥିବା ଲୋକର କଥାକୁ ତାଙ୍କରି ଭାଷାରେ ଅବିକଳ ପ୍ରକାଶ କରିବାକୁ ପ୍ରତ୍ୟକ୍ଷ ଉକ୍ତି କୁହାଯାଏ । ଉକ୍ତିଟି ଉଦ୍ଧୃତ ଚିହ୍ନ ଭିତରେ ରହେ ।

ଯଥା :—ଯଦୁବାବୁ କହିଲେ, "କାଲି ଆମ ଆଡ଼େ ବର୍ଷା ହେଉଥିଲା ।"

ଉପରେ ବାକ୍ୟଟିରେ ଯଦୁବାବୁ ଯାହା କହିଥିଲେ, ସେହି କଥାଗୁଡ଼ିକ ତାଙ୍କରି ଭାଷାରେ ପ୍ରକାଶ କରାହୋଇ ଉଦ୍ଧୃତ ଚିହ୍ନ ମଧ୍ୟରେ ରଖାଯାଇଛି । ଏହି ପ୍ରକାର ପ୍ରକାଶ ଭଙ୍ଗୀକୁ ପ୍ରତ୍ୟକ୍ଷ ଉକ୍ତି କୁହାଯାଏ ।

କିନ୍ତୁ ଯଦୁବାବୁଙ୍କ କହିବା କଥା ଯଦି ଆଉ କେହି ଅନ୍ୟ କାହାକୁ କହନ୍ତି ତେବେ ବାକ୍ୟଟିର ପ୍ରକାଶ ଭଙ୍ଗୀ ବଦଳି ଯିବ ।

ଯଥା :—ଯଦୁବାବୁ କହିଲେ ଯେ କାଲି ତାଙ୍କ ଆଡେ ବର୍ଷା ହେଉଥିଲା । ଏହିଭଳି ପ୍ରକାଶ ଭଙ୍ଗୀର ନାମ ପରୋକ୍ଷ ଉକ୍ତି ।

ଉପର ଉଦାହରଣରୁ ଆପଣମାନେ ଜାଣିପାରୁଥିବେ ଯେ ଯେଉଁ ବାକ୍ୟରେ ବକ୍ତାର ଉକ୍ତିକୁ ତାଙ୍କ ନିଜ ଭାଷାରେ ପ୍ରକାଶ ନକରି ଅନ୍ୟ ଭାଷାରେ ପ୍ରକାଶ କରାଯାଏ ତାହାକୁ ପରୋକ୍ଷ ଉକ୍ତି କୁହାଯାଏ।

ସଂକ୍ଷେପରେ କହିବାକୁ ଗଲେ, ଜଣଙ୍କର କଥା ଆଉ ଜଣେ କହିଲେ ଯେଉଁ ଭାବରେ କହିବେ ତାହା ପରୋକ୍ଷ ଉକ୍ତି ।

ପ୍ରତ୍ୟକ୍ଷ ଉକ୍ତିକୁ ପରୋକ୍ଷ ଉକ୍ତିରେ ପରିଣତ କରାଯାଇ ପାରେ । କିନ୍ତୁ ଏଥିପାଇଁ ନିମ୍ନଲିଖିତ ଦୁଇଟି ନିୟମ ମାନିବାକୁ ହୁଏ ।

୧. ପ୍ରତ୍ୟକ୍ଷ ଉକ୍ତିର କର୍ତ୍ତା ପ୍ରଥମ ପୁରୁଷ ହୋଇଥିଲେ ପରୋକ୍ଷ ଉକ୍ତିରେ ତାହା ଦ୍ୱିତୀୟ ବା ତୃତୀୟ ପୁରୁଷ ହୁଏ । କ୍ରିୟା କର୍ତ୍ତାର ଅନୁସରଣ କରେ ।

୨. ପରୋକ୍ଷ ଉକ୍ତିରେ ସ୍ଥଳ ବିଶେଷରେ ଯେ, ବୋଲି ପ୍ରଭୃତି ଅବ୍ୟୟ ବ୍ୟବହୃତ ହୋଇଥାଏ ଏବଂ ଉଦ୍ଧୃତ ଚିହ୍ନ ରହେ ନାହିଁ ।

**ବାକ୍ୟର ବାହ୍ୟରୂପ ଓ ଅନ୍ତଃରୂପ**

କେତେକ ବାକ୍ୟ ଏକାଧିକ ଅର୍ଥବ୍ୟକ୍ତ କରିଥାନ୍ତି । ଉଦାହରଣ ସ୍ୱରୂପ—

"ମତେ କଳା କୁକୁର ଓ ବିଲେଇ ଭଲ ଲାଗନ୍ତି ।" ବାକ୍ୟଟିକୁ ବିଚାର କରାଯାଉ । ଏହା ଦୁଇଟି ଅର୍ଥ ବ୍ୟକ୍ତ କରେ । ପ୍ରଥମଟି ହେଲା, ମତେ କଳା କୁକୁର ଓ କଳା ବିଲେଇ ଭଲ ଲାଗନ୍ତି । ଦ୍ୱିତୀୟଟି ହେଲା, ମତେ କଳା କୁକୁର ଓ ଯେ କୌଣସି ରଙ୍ଗର ବିଲେଇ ଭଲ ଲାଗନ୍ତି ।

ସେହିପରି "ସେମାନେ ପାଚିଲା କଦଳି ଓ ଆମ୍ବ ଖାଆନ୍ତି ।" ବାକ୍ୟଟିରୁ ମଧ୍ୟ ଦୁଇଟି ଅର୍ଥ ମିଳିଥାଏ । ପ୍ରଥମଟି ହେଲା "ସେମାନେ ପାଚିଲା କଦଳି ଓ ପାଚିଲା ଆମ୍ବ ଖାଆନ୍ତି ।" ଦ୍ୱିତୀୟଟି ହେଲା "ସେମାନେ ପାଚିଲା କଦଳି ଆଉ ଯେ କୌଣସି ପ୍ରକାରର (କଞ୍ଚା ବା ପାଚିଲା ହେଉ) ଆମ୍ବ ଖାଆନ୍ତି ।"

ଏହିପରି ଭିନ୍ନାର୍ଥବୋଧକ ବାକ୍ୟଗୁଡିକର ଅନ୍ତର୍ନିହିତ ଅର୍ଥଗୁଡ଼ିକ ବୁଝିବାକୁ ହେଲେ ବାକ୍ୟ-ଟିର ଅନ୍ତଃରୂପ ପ୍ରତି ଦୃଷ୍ଟି ଦେବାକୁ ପଡ଼ିଥାଏ ।

ପ୍ରତ୍ୟେକ ବାକ୍ୟର ଦୁଇଟି ରୂପଥାଏ ।

୧. ବାହ୍ୟରୂପ

୨. ଅନ୍ତଃରୂପ

ବାକ୍ୟର ଲିଖିତ ବା ଉଚ୍ଚାରିତ ରୂପକୁ ବାହ୍ୟରୂପ କୁହାଯାଏ । ଏଥିରୁ କେବଳ ବାକ୍ୟରେ ଥିବା ଶବ୍ଦ-ଗୁଡିକର ବିନ୍ୟାସ ଜାଣିହୁଏ ।

ବାକ୍ୟରେ ଅନ୍ତର୍ନିହିତ ଅର୍ଥ ବା ଅର୍ଥସମୂହର ପରିପ୍ରକାଶ ପାଇଁ ଅନ୍ତଃରୂପର ବିଶ୍ଳେଷଣ ଆବଶ୍ୟକ ହୁଏ। ନିମ୍ନରେ ପ୍ରଦତ୍ତ ଉଦାହରଣଟି ଅନ୍ତଃରୂପ ଓ ବାହ୍ୟରୂପର ପାର୍ଥକ୍ୟ ଦର୍ଶାଇବାରେ ସମର୍ଥ ହେବ ।

"ହତ୍ୟାକାରୀ ସମକୁ ଛାଡ଼ିବ ନାହିଁ ।" ଏହି ବାକ୍ୟଟିକୁ ବିଶ୍ଳେଷଣ କରାଯାଉ ।

| ବାହ୍ୟରୂପ | ଅନ୍ତଃରୂପ |
|---|---|
| ହତ୍ୟାକାରୀ ସମକୁ ଛାଡିବ ନାହିଁ । | ୧. ଯିଏ ହତ୍ୟାକାରୀ ସିଏ ସମକୁ ଛାଡ଼ିବ ନାହିଁ । |
| | ୨. ଯେଉଁ ସମ ହତ୍ୟାକାରୀ ତାହାକୁ (ତମେ, ତମେମାନେ, ସେ) ଛାଡିବ ନାହିଁ । |

ଉପର ଉଦାହରଣରୁ ଜଣାଗଲା ଯେ ବାକ୍ୟଟିର ବାହ୍ୟରୂପ ହେଲା 'ହତ୍ୟାକାରୀ ସମକୁ ଛାଡ଼ିବ ନାହିଁ ।' ଏହା ହେଲା ବାକ୍ୟରେ ଉଚ୍ଚାରିତ ବା ଲିଖିତ ଶବ୍ଦଗୁଡ଼ିକର ସମଷ୍ଟି । ଏହା ସହିତ ବାକ୍ୟର ଅନ୍ତର୍ନିହିତ ଅର୍ଥ ବା ଅର୍ଥସମୂହର କୌଣସି ସମ୍ପର୍କ ନାହିଁ ।

କିନ୍ତୁ ବାକ୍ୟର ଅନ୍ତଃରୂପକୁ ବିଶ୍ଳେଷଣ କରି ତା ମଧ୍ୟରେ ଥିବା ଏକ ବା ଏକାଧିକ ଅର୍ଥ ଜାଣିହୁଏ ।

**ବାଚ୍ୟ**

ପ୍ରକାଶ ଭଙ୍ଗୀ ଅନୁସାରେ ଗୋଟିଏ ବାକ୍ୟର ଭାବକୁ ଭିନ୍ନ ଭିନ୍ନ ରୂପରେ କୁହାଯାଇ ପାରେ । ତେଣୁ କ୍ରିୟା ପ୍ରୟୋଗ ଭଙ୍ଗୀ ବଦଳିଯାଏ । କ୍ରିୟାର ଭଙ୍ଗୀ ଅନୁସରଣରେ ବାକ୍ୟଟି କେଉଁ ବାଚ୍ୟର ଅନ୍ତର୍ଗତ ତାହା ଜଣାଯାଏ ।

ବାଚ୍ୟ ତିନି ପ୍ରକାରର—କର୍ତ୍ତୃବାଚ୍ୟ, କର୍ମବାଚ୍ୟ ଓ ଭାବବାଚ୍ୟ ।

**କର୍ତ୍ତୃବାଚ୍ୟ :**

ଯେଉଁ ବାକ୍ୟରେ କର୍ତ୍ତାର ପ୍ରାଧାନ୍ୟ ରହେ ତାହା କର୍ତ୍ତୃବାଚ୍ୟ ।

ଯଥା :—ଲୋକଟି ଚାଲିଗଲା ।

ମୁଁ ଘରକୁ ଯିବି ।

ପଣ୍ଡିତମାନଙ୍କୁ ସମସ୍ତେ ଆଦର କରନ୍ତି ।

**କର୍ମବାଚ୍ୟ :**

ଯେଉଁ ବାକ୍ୟରେ କର୍ମର ପ୍ରାଧାନ୍ୟ ରହେ, ତାହା କର୍ମବାଚ୍ୟ ।

ଯଥା :—ପଣ୍ଡିତମାନେ ସମସ୍ତଙ୍କ ଦ୍ୱାରା ଆଦୃତ ହୁଅନ୍ତି ।

ରଥଗୁଡିକ ହାତୀ ଦ୍ୱାରା ଟଣା ଯାଇଥିଲେ ।

**ଭାବବାଚ୍ୟ :**

ଯେଉଁ ବାକ୍ୟରେ ଭାବର (କାର୍ଯ୍ୟର) ପ୍ରାଧାନ୍ୟ ରହେ ତାହାକୁ ଭାବବାଚ୍ୟ କୁହାଯାଏ । ଏ ବାଚ୍ୟର ବାକ୍ୟରେ କ୍ରିୟାର କର୍ମ ନଥାଏ ଏବଂ କ୍ରିୟାବାଚକ ବିଶେଷ୍ୟ ବାକ୍ୟର କର୍ତ୍ତା ହୋଇଥାଏ ।

ଉଦାହରଣ : ଆଜି ଭଲ ଖେଳ ହେଲା ।

ଆମର ଘରକୁ ଯିବା ନୋହିଲା ।

ବାଚ୍ୟ ପରିବର୍ତ୍ତନ—କର୍ମବାଚ୍ୟ ଓ ଭାବବାଚ୍ୟର ବାକ୍ୟକୁ କର୍ତ୍ତୃବାଚ୍ୟରେ ପରିବର୍ତ୍ତନ କରଯାଇ ପାରେ । କର୍ତ୍ତୃବାଚ୍ୟକୁ ମଧ୍ୟ କର୍ମ ଓ ଭାବବାଚ୍ୟରେ ପରିବର୍ତ୍ତନ କରଯାଇ ପାରେ ।

ଉଦାହରଣ : ମୁଁ ବହିଟି ପଢୁଛି । (କର୍ତ୍ତୃବାଚ୍ୟ)

ମୋ ଦ୍ୱାରା ବହିଟି ପଢ଼ା ହେଉଛି । (କର୍ମବାଚ୍ୟ)

ମୋର ବହି ପଢ଼ା ଚାଲିଛି । (ଭାବବାଚ୍ୟ)

ଓଡ଼ିଆରେ 'ଠାରୁ', 'ରୁ', 'ଅପେକ୍ଷା' ପରି ପରସର୍ଗ ତୁଳିତ ହେଉଥିବା ବ୍ୟକ୍ତି ବା ପଦାର୍ଥ ସହ ଯୁକ୍ତ ହୋଇ ତୁଳନାତ୍ମକ ବାକ୍ୟ ଗଠନ କରଯାଏ ।

ଯଥା :—ରାମ ସବୁଠାରୁ ବଡ଼ ।

ଏ ବହି ଅପେକ୍ଷା ସେ ବହିଟା ଭଲ ।

ଏ ଗଛରୁ ସେ ଗଛ ଉଚ୍ଚ ।

ଏହି ପରସର୍ଗଗୁଡ଼ିକ ଛଡ଼ା ତୁଳିତ ହେଉଥିବା ବ୍ୟକ୍ତି ବା ବସ୍ତୁ ସହ ତୁଳନାରେ ଲଗାଇ ମଧ୍ୟ ତୁଳନାତ୍ମକ ବାକ୍ୟ ରଚିତ ହୁଏ ।

ଉଦାହରଣ : ଅନ୍ୟ ସହରଗୁଡ଼ିକ ତୁଳନାରେ ଭୁବନେଶ୍ୱର ଯଥେଷ୍ଟ ପରିଚ୍ଛନ୍ନ ।

ତୁଳନାତ୍ମକ ରଚନାରେ ଅତି, ମନ୍ଦ, କୋଟୀସୂଚକ ବ୍ୟକ୍ତି ବା ବସ୍ତୁ ପୂର୍ବରୁ 'ସବୁ' ଶବ୍ଦଟି ଯୋଗ କର-ଯାଏ ଓ ବ୍ୟକ୍ତି/ବସ୍ତୁ ପରେ 'ଠାରୁ' ପରସର୍ଗ ବ୍ୟବହୃତ ହୁଏ ।

ଯଥା :—ତାଙ୍କ ଘର ସବୁଠାରୁ ଭଲ ।

ସେ ସବୁଠାରୁ (ସମସ୍ତଙ୍କଠାରୁ) ଡେଙ୍ଗା ।

ଏହିପରି ଭାବରେ ଓଡ଼ିଆ ଭାଷାରେ ତୁଳନାତ୍ମକ ବାକ୍ୟ ଗଠନ କରଯାଇଥାଏ ।

ଏହି ପ୍ରବନ୍ଧଟିରେ ଓଡ଼ିଆ ଭାଷାର ବାକ୍ୟ ବିନ୍ୟାସ ସମ୍ବନ୍ଧୀୟ କେତୋଟି ସାଧାରଣ ନିୟମ ଉପରେ ଆଲୋକପାତ କରାଗଲା । ଏଗୁଡିକ ଛଡ଼ା ଇଂରାଜୀ ଭାଷାର ପ୍ରଭାବରେ ଆଧୁନିକ ଓଡ଼ିଆ ଭାଷାରେ କେତୋଟି ନୂତନ ଧରଣର ବାକ୍ୟ ମଧ୍ୟ ବ୍ୟବହୃତ ହୋଇଛି ।

ଯଥା :—ମୁଁ ଭିତରକୁ ଆସିପାରେ କି ?

ସେ ହେଲେ ଆମ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ।

ବ୍ୟବହାରର ବହୁଳତା ଦୃଷ୍ଟିରୁ ଏଗୁଡ଼ିକୁ ଓଡ଼ିଆ ଭାଷାରୁ ବାଦ ଦେବା ସମୀଚୀନ ହେବ ନାହିଁ ।

**୧୩.୪ଖ ପ୍ରଶ୍ନ**

୧. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅନ୍ତୁ ।

(କ) ପ୍ରତ୍ୟକ୍ଷ ଉକ୍ତି ଓ ପରୋକ୍ଷ ଉକ୍ତି ଭିତରେ ପାର୍ଥକ୍ୟ କଣ ?

(ଖ) ବାକ୍ୟର ଅନ୍ତଃରୂପ କାହାକୁ କୁହାଯାଏ ?

(ଗ) କର୍ମବାଚ୍ୟ କଣ ?

୨. ନିମ୍ନଲିଖିତ ବାକ୍ୟଗୁଡ଼ିକୁ ବନ୍ଧନୀରେ ଥିବା ନିର୍ଦ୍ଦେଶାନୁସାରେ ପରିବର୍ତ୍ତନ କରନ୍ତୁ ।

(କ) କାବୁଲି କଟକ ଯାଉ । (କର୍ମବାଚ୍ୟରେ ପରିବର୍ତ୍ତନ କରନ୍ତୁ)

(ଖ) ସେ କହିଲେ ଯେ ଦିଲ୍ଲୀରେ ସେ ଶୀତ ସମ୍ଭାଳି ପାରିଲେନି ।
(ପ୍ରତ୍ୟକ୍ଷ ଉକ୍ତିରେ ପରିଣତ କରନ୍ତୁ)

(ଗ) ତାମିଲନାଡୁରେ ଖରାଦିନେ ବର୍ଷା ହୁଏ । (ପ୍ରଶ୍ନବାଚକ ବାକ୍ୟରେ ପରିଣତ କରନ୍ତୁ)

## ୧୩.୫ ସାରାଂଶ

କେତେଗୁଡ଼ିଏ ପଦ ମିଳିତ ହୋଇ ପୂର୍ଣ୍ଣ ରୂପେ ମନର ଭାବ ପ୍ରକାଶ କଲେ ତାହାକୁ ବାକ୍ୟ କୁହାଯାଏ ।

ବାକ୍ୟରେ ତିନୋଟି ପ୍ରଧାନ ଲକ୍ଷଣ ଥାଏ ।

(୧) ଏହା ସ୍ୱୟଂ ସମ୍ପୂର୍ଣ୍ଣ ହେବା ଉଚିତ ।

(୨) ବାକ୍ୟରେ ବ୍ୟବହୃତ ପଦଗୁଡ଼ିକ ମଧ୍ୟରେ ସମ୍ପର୍କ ରହିବା ଆବଶ୍ୟକ । ଶବ୍ଦଗୁଡ଼ିକ ପରସ୍ପର ବିରୋଧୀ ହେଲେ, ଏହା ଅର୍ଥହୀନ ହୋଇଯାଏ ଏବଂ ବାକ୍ୟ ପଦବାଚ୍ୟ ହୁଏ ନାହିଁ ।

(୩) ବାକ୍ୟରେ ପଦଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ନିୟମାନୁସାରେ ସଜ୍ଜିତ ହୋଇଥିବା ଦରକାର । କର୍ତ୍ତା, କ୍ରିୟା, କର୍ମ ଇତ୍ୟାଦି ନିୟମାନୁସାରେ ସଜ୍ଜିତ ହୋଇ ନ ରହିଲେ ଭାବ ପ୍ରକାଶରେ ବାଧା ଉପୁଜେ ।

ବାକ୍ୟର ପ୍ରକାର—

ଓଡ଼ିଆ ଭାଷାରେ ତିନି ପ୍ରକାରର ବାକ୍ୟ ଦେଖିବାକୁ ମିଳେ ।

(୧) ସରଳ ବାକ୍ୟ

(୨) ଯୌଗିକ ବାକ୍ୟ

(୩) ଜଟିଳ ବାକ୍ୟ

ଓଡ଼ିଆ ଭାଷାରେ ବାକ୍ୟ ମୁଖ୍ୟତଃ ଦୁଇଟି କ୍ରମରେ ଗଠିତ ହୋଇଥାଏ ।

(୧) କର୍ତ୍ତା+କ୍ରିୟା

(୨) କର୍ତ୍ତା+କର୍ମ+କ୍ରିୟା

ସଂସ୍କୃତ ଭାଷାପରି ଓଡ଼ିଆରେ ଶବ୍ଦ କ୍ରମ ମଧ୍ୟ ନମନୀୟ । ଶୈଳୀର ସୌନ୍ଦର୍ଯ୍ୟ କିମ୍ବା ଭାଷାର ଅଂଶ ବିଶେଷ ଭାବରେ ଗୁରୁତ୍ୱ ଆରୋପ ଦୃଷ୍ଟିରୁ ଶବ୍ଦ କ୍ରମର ପରିବର୍ତ୍ତନ କରାଯାଇପାରେ ।

ଏ ପ୍ରକାରର ବାକ୍ୟକୁ ଅନ୍ୟ ପ୍ରକାରର ବାକ୍ୟରେ ସହଜରେ ପରିଣତ କରାଯାଇପାରେ ।

ସରଳ ବାକ୍ୟକୁ ଯୌଗିକ ବା ଜଟିଳ ବାକ୍ୟରେ, ପୁଣି ଜଟିଳ ବା ଯୌଗିକ ବାକ୍ୟକୁ ସରଳ ବାକ୍ୟରେ ପରିଣତ କରିହୁଏ ।

ଓଡ଼ିଆରେ ନିପାତଗୁଡ଼ିକ ଅବ୍ୟୟ ଏବଂ ଏଗୁଡ଼ିକ ବାକ୍ୟ ସଂରଚନାରେ ସାହାଯ୍ୟ କରନ୍ତି । 'ଟା' ଓ 'ଟି' ଅବ୍ୟୟ ଦୁଇଟି ବସ୍ତୁ ଆକାର ସହିତ ସମ୍ପୃକ୍ତ ଥିଲେ ହେଁ ସ୍ଥାନେ ସ୍ଥାନେ ସହାନୁଭୂତିଶୀଳତା ଓ ସହାନୁଭୂତିହୀନତା ମଧ୍ୟ ଦର୍ଶାନ୍ତି ।

ଓଡ଼ିଆରେ କୌଣସି ପ୍ରଶ୍ନବାଚୀ ଅବ୍ୟୟ ବ୍ୟବହାର ନକରି କେବଳ ଅନୁତାନ ପରିବର୍ତ୍ତନ କରି ବକ୍ତବ୍ୟକୁ ପ୍ରଶ୍ନବାଚୀ ଅବ୍ୟୟରେ ପରିଣତ କରିହୁଏ ।

ବକ୍ତବ୍ୟସୂଚକ ଉତ୍ତର ପାଇଁ କି, କିଏ, କଅଣ, କେବେ, କେଉଁ, କେମିତି, କାହିଁକି, କେତେ ଇତ୍ୟାଦି ପ୍ରଶ୍ନବାଚୀ ଅବ୍ୟୟର ବ୍ୟବହାର ଦରକାର ପଡ଼ିଥାଏ ।

କହୁଥିବା ଲୋକଙ୍କ ଉକ୍ତିକୁ ତାଙ୍କରି ଭାଷାରେ ଅବିକଳ ପ୍ରକାଶ କରିବାକୁ ପ୍ରତ୍ୟକ୍ଷ ଉକ୍ତି କୁହାଯାଏ । ଏହା ଉଦ୍ଧୃତ ଚିହ୍ନ ଭିତରେ ରହେ ।

କିନ୍ତୁ କଥାଟିକୁ ବକ୍ତାଙ୍କ ଭାଷାରେ ନକରି ଅନ୍ୟ କେହି କହିଲେ ବାକ୍ୟଟିର ପ୍ରକାଶ ଭଙ୍ଗୀ ବଦଳିଯିବ । ଏହି ପ୍ରକାଶ ଭଙ୍ଗୀର ନାମ ହେଲା ପରୋକ୍ଷ ଉକ୍ତି ।

ଏମିତି ଅନେକଗୁଡ଼ିଏ ବାକ୍ୟ ଅଛି, ଯାହା ଏକାଧିକ ଅର୍ଥ ବ୍ୟକ୍ତ କରେ ।

ବାକ୍ୟର ବାହ୍ୟରୂପ ବା ବ୍ୟାକରଣିକ ରୂପକୁ ବାହ୍ୟ ସଂରଚନା କୁହାଯାଏ ।

ବାହ୍ୟ ସଂରଚନାରେ ବାକ୍ୟର ଅନ୍ତର୍ନିହିତ ଅର୍ଥ ସହିତ କୌଣସି ସମ୍ପର୍କ ନଥାଏ । କିନ୍ତୁ ବାକ୍ୟଟି ଦ୍ୱାରା ପ୍ରକାଶିତ ଏକ ବା ଏକାଧିକ ଅର୍ଥ ଜାଣିବାକୁ ହେଲେ ବାକ୍ୟର ଅନ୍ତଃସଂରଚନା ପ୍ରତି ଦୃଷ୍ଟି ଦେବାକୁ ପଡ଼ିଥାଏ ।

ଗୋଟିଏ ବାକ୍ୟର ଭାବକୁ ପ୍ରକାଶ ଭଙ୍ଗୀ ବଦଳାଇ ଭିନ୍ନ ଭିନ୍ନ ରୂପରେ କୁହାଯାଇପାରେ । କ୍ରିୟାର ପ୍ରୟୋଗ ଅନୁସାରେ ବାକ୍ୟଗୁଡ଼ିକର ବାଚ୍ୟ ନିର୍ଦ୍ଧାରଣ କରାଯାଏ । ବାଚ୍ୟ ତିନି ପ୍ରକାର । ଯଥା : କର୍ତ୍ତୃବାଚ୍ୟ, କର୍ମବାଚ୍ୟ ଓ ଭାବବାଚ୍ୟ ।

ଯେଉଁ ବାକ୍ୟରେ କର୍ତ୍ତାର ପ୍ରାଧାନ୍ୟ ଅଧିକ ତାହା କର୍ତ୍ତୃବାଚ୍ୟଭୁକ୍ତ ହୁଏ । ଯେଉଁ ବାକ୍ୟରେ କର୍ମର ପ୍ରାଧାନ୍ୟ ରହେ, ତାହା କର୍ମବାଚ୍ୟ । ଯେଉଁ ବାକ୍ୟରେ ଭାବର ବା କର୍ମର ପ୍ରାଧାନ୍ୟ ରହେ ତାହା ଭାବବାଚ୍ୟ । ଗୋଟିଏ ବାକ୍ୟକୁ ଅନ୍ୟ ଏକ ବାଚ୍ୟରେ ସହଜରେ ପରିଣତ କରିହୁଏ ।

ଓଡ଼ିଆ ଭାଷାରେ ତୁଳନାତ୍ମକ ବାକ୍ୟ ରଚନା ପାଇଁ ତୁଳିତ ହେଉଥିବା ବ୍ୟକ୍ତି ବା ପଦାର୍ଥ ସହିତ 'ଠାରୁ', 'ରୁ' ଓ 'ଅପେକ୍ଷା' ଇତ୍ୟାଦି ପରିସର୍ଗ ଯୁକ୍ତହୁଏ ।

ଆଧୁନିକ ଓଡ଼ିଆ ଭାଷାରେ ବାକ୍ୟ ଗଠନ ପ୍ରଣାଳୀରେ କେତେକ ସ୍ଥଳରେ ଭାଷାର ପ୍ରଭାବ ପରିଲକ୍ଷିତ ହୁଏ । ଇଂରେଜ ବାକ୍ୟ ଗଠନ ଶୈଳୀରେ ଓଡ଼ିଆ ବାକ୍ୟ ଏବେ ସାହିତ୍ୟରେ ଏବଂ କଥିତ ଭାଷାରେ ବହୁଳ ଭାବରେ ବ୍ୟବହୃତ ହେଉଅଛି ।

## ୧୩.୬ ଶବ୍ଦାର୍ଥ

ଅନ୍ତଃ ସଂରଚନା—ଇଂରାଜୀରେ ଏହାକୁ **(Inner Structure)** କୁହାଯାଏ । ଏହାର ବିଶ୍ଳେଷଣ ଦ୍ୱାରା ବାକ୍ୟର ଅନ୍ତର୍ନିହିତ ଅର୍ଥ ବୁଝିହୁଏ ।

ବାହ୍ୟ ସଂରଚନା—ଇଂରାଜୀରେ ଏହାକୁ **(Outer Structure)** କୁହାଯାଏ । ଏହା ବାକ୍ୟର ବାହ୍ୟରୂପ ।

କର୍ମକର୍ତ୍ତୃବାଚ୍ୟ—ପଠିତ ପ୍ରବନ୍ଧରେ ତିନୋଟି ବାଚ୍ୟ ସଂକ୍ରାନ୍ତରେ ଆଲୋଚନା କରାଯାଇଛି । କିନ୍ତୁ ବ୍ୟାକରଣବିତ୍‌ମାନଙ୍କ ମତରେ ଓଡ଼ିଆରେ ଆଉ ଗୋଟିଏ ବାଚ୍ୟ ଅଛି । ସେଇଟି ହେଲା କର୍ମକର୍ତ୍ତୃବାଚ୍ୟ । ଯେଉଁ ବାଚ୍ୟରେ କର୍ମପଦ କର୍ତ୍ତୃପଦ ପରି ବ୍ୟବହୃତ ହେଉ-

ଥାଏ, ତାହାକୁ କର୍ମକର୍ତ୍ତୃବାଚ୍ୟ କୁହାଯାଏ । ଯଥା—ଘଣ୍ଟ ବାଜୁଛି, ଫୁଲ ଫୁଟିଲା ଇତ୍ୟାଦି । କିନ୍ତୁ ଆଧୁନିକ ଓଡିଆ ଭାଷାରେ ଏହା ବହୁଳ ଭାବରେ ବ୍ୟବହୃତ ହେଉ ନଥିବାରୁ ଏହି ପ୍ରବନ୍ଧରେ ସ୍ଥାନ ପାଇନାହିଁ ।

## ୧୩.୭ ପଠନ ଅଭ୍ୟାସ

ପ୍ରବନ୍ଧଟିରେ ନିପାତ ସମ୍ପର୍କରେ ଆଲୋଚନା କରାଯାଇଥିବା ପରିଚ୍ଛେଦଟି ପଢନ୍ତୁ ଏବଂ ନିମ୍ନ-ଲିଖିତ ପ୍ରଶ୍ନଗୁଡିକର ଉତ୍ତର ଦିଅନ୍ତୁ ।

(କ) ଓଡ଼ିଆରେ 'ଟା' ଓ 'ଟି' ନିପାତ ଦୁଇଟିର ବ୍ୟବହାରରେ କି କି ଫରକ୍ ରହିଛି ?

(ଖ) ପ୍ରଶ୍ନବାଚକ ବାକ୍ୟ ଗଠନ ବେଳେ କେଉଁ ଓ କେତେ ଅବ୍ୟୟ ଦୁଇଟି କେଉଁଠି ସ୍ଥାନ ପାଏ ?

(ଗ) 'କି' ଅବ୍ୟୟର ବ୍ୟବହାର କିପରି ହୁଏ ?

(ଘ) କେଉଁ ପ୍ରକାରର ପ୍ରଶ୍ନର ଉତ୍ତର ବକ୍ତବ୍ୟ ଜାତୀୟ ହୋଇଥାଏ ।

(ଙ) କଅଣ ଓ କଣ ମଧ୍ୟରେ ବ୍ୟବହାରଗତ ପାର୍ଥକ୍ୟ ଅଛି କି ?

ଅବବୋଧ ଅନୁଶୀଳନୀ :

୧. ନିମ୍ନଲିଖିତ ପ୍ରଶ୍ନଗୁଡିକର ଉତ୍ତର ୫୦ଟି ଶବ୍ଦ ଭିତରେ ଦିଅନ୍ତୁ ।

(କ) ବାକ୍ୟର ସଂଜ୍ଞା କଣ ?

ଉତ୍ତର—କେତୋଟି ପଦ ମିଳିତ ହୋଇ ସମ୍ପୂର୍ଣ୍ଣ ରୂପେ ଅର୍ଥ ପ୍ରକାଶ କଲେ ଏହାକୁ ବାକ୍ୟ କୁହାଯାଏ । ବାକ୍ୟ ତିନୋଟି ଗୁଣ ସମ୍ପନ୍ନ ହୋଇଥାଏ । ସେଗୁଡିକ ହେଲା, (କ) ଉକ୍ତିଟି ସ୍ୱୟଂ ସମ୍ପୂର୍ଣ୍ଣ ହେବା ଆବଶ୍ୟକ (ଖ) ବାକ୍ୟରେ ବ୍ୟବହୃତ ପଦ-ଗୁଡ଼ିକ ମଧ୍ୟରେ ସମ୍ପର୍କ ଥିବା ଆବଶ୍ୟକ (ଗ) ବାକ୍ୟରେ ଥିବା ପଦଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ନିୟମ ଅନୁସାରେ ସଜ୍ଜିତ ହୋଇଥିବା ଆବଶ୍ୟକ ।

(ଖ) ଓଡ଼ିଆ ଭାଷାରେ ଶବ୍ଦକ୍ରମ କିପରି ?

ଉତ୍ତର—ଓଡ଼ିଆ ଭାଷାର ଶବ୍ଦକ୍ରମ ବହୁ ନମନୀୟ । ସେଥିପାଇଁ ଶୈଳୀରେ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ କିମ୍ବା ବାକ୍ୟର କେଉଁ ନିର୍ଦ୍ଦିଷ୍ଟ ଅଂଶ ବିଶେଷରେ ଗୁରୁତ୍ୱ ଆରୋପ ପାଇଁ ଏହି କ୍ରମରେ ପରିବର୍ତ୍ତନ କରାଯାଇପାରେ । ଯଥା—

ସେ ବଡି ସକାଳୁ ଉଠେ ।

ବଡି ସକାଳୁ ଉଠେ ସେ ।

ବଡ଼ି ସକାଳୁ ସେ ଉଠେ ।

(ଗ) କଅଣ ଓ କଣ ମଧ୍ୟରେ କି ତଫାତ୍ ରହିଛି ?

ଉତ୍ତର—କଣ ହେଲା କଅଣର ଏକ ବିକଳ୍ପ ରୂପ । କଅଣ ବ୍ୟବହୃତ ପ୍ରଶ୍ନବାଚକ ବାକ୍ୟର ଉତ୍ତର ବକ୍ତବ୍ୟ ଜାତୀୟ ହୋଇଥାଏ । କିନ୍ତୁ କଣ ବ୍ୟବହୃତ ପ୍ରଶ୍ନର ଉତ୍ତର ହଁ ବା ନାହିଁ ଜାତୀୟ ହୋଇଥାଏ ।

ଯଥା—ସେ କଅଣ ପଢାଏ ?

ଏହାର ଅର୍ଥ ସେ କି ପାଠ ପଢାଏ । ଏହି ପ୍ରଶ୍ନର ଉତ୍ତର ବକ୍ତବ୍ୟ ଜାତୀୟ ହେବ, ଯଥା—ସେ ଇତିହାସ ପଢାଏ । କିନ୍ତୁ ସେ କଣ ପଢାଏ ? ପ୍ରଶ୍ନର ଅର୍ଥ ହେଲା, ସେ ପଢାଏ ନା ପଢାଏନି । ଏହାର ଉତ୍ତର ହଁ ବା ନାହିଁ ।

(ଘ) ଅନ୍ତଃରୂପର ଆବଶ୍ୟକତା କଣ ?

ଉତ୍ତର—ପ୍ରତ୍ୟେକ ବାକ୍ୟରେ ଦୁଇଟି ରୂପ ଥାଏ । ଗୋଟିଏ ହେଲା ବାହ୍ୟରୂପ ଓ ଅନ୍ୟଟି ହେଲା ଅନ୍ତଃରୂପ । ବାକ୍ୟରେ ଅନ୍ତର୍ନିହିତ ଏକ ବା ଏକାଧିକ ଅର୍ଥକୁ ବୁଝିବା ପାଇଁ ଅନ୍ତଃରୂପର ବିଶ୍ଳେଷଣର ଆବଶ୍ୟକ ହୁଏ । ଉଦାହରଣ ସ୍ୱରୂପ, ସେମାନେ ତିନିଟା ଗାଡ଼ିରେ ଯିବେ । ବାକ୍ୟଟିର ଦୁଇଟି ଅର୍ଥ ହୋଇପାରେ । (କ) ସେମାନେ ତିନିଟା ବେଳେ ଗାଡ଼ିରେ ଯିବେ । (ଖ) ସେମାନେ ତିନିଟି ଗାଡ଼ିରେ ଯିବେ । ଏହିପରି

ଗୋଟିଏ ବାକ୍ୟର ଭିନ୍ନ ଭିନ୍ନ ଅର୍ଥ ପରିପ୍ରକାଶ କରିବାରେ ଅନ୍ତଃରୂପ ସାହାଯ୍ୟ କରିଥାଏ ।

୨. ତଦନୁସାରେ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଶହେଟି ଶବ୍ଦ ମଧ୍ୟରେ ଦିଅନ୍ତୁ ।

(କ) ବାକ୍ୟ କେତେ ପ୍ରକାରର ଓ କ'ଣ କ'ଣ ? ଉଦାହରଣ ଦେଇ ଦର୍ଶାନ୍ତୁ ।

(ଖ) ଓଡ଼ିଆ ଭାଷାରେ ତୁଳନାତ୍ମକ ବାକ୍ୟ କିପରି ଗଠନ କରଯାଏ ?

(ଗ) ବାଚ୍ୟ କେତେ ପ୍ରକାରର ? ପ୍ରତ୍ୟେକ ବାଚ୍ୟରୁ ଦୁଇଟି ଲେଖାଏଁ ଉଦାହରଣ ଦିଅନ୍ତୁ ।

## ୧୩.୮ ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀ

୧. ନିମ୍ନଲିଖିତ ଉକ୍ତିଗୁଡ଼ିକ ମଧ୍ୟରୁ କେଉଁଗୁଡ଼ିକ ବାକ୍ୟ ପଦବାଚ୍ୟ ନୁହନ୍ତି ଦର୍ଶାନ୍ତୁ ।

(କ) (୧) ସେ ଜଣେ ରାଜାଙ୍କ ପୁଅ ।
(୨) ପଥରଟି ପହଁରିଲା ବେଳେ ମୋ ସାଙ୍ଗରେ ଧକ୍କା ହେଲା ।
(୩) ରାମବାବୁ ଜଣେ ଖାଣ୍ଟି ଲୋକ ।
(୪) ଯଦିଓ ମୁଁ ଓଡ଼ିଶାରେ ରହେ, ମୋ ଘର ଆସାମ ।

(ଖ) (୧) ବହୁତ ବେଶି ଗରମ ଓଡ଼ିଶାରେ ହୁଏ ।
(୨) ଓଡ଼ିଶାରେ ବହୁତ ବେଶି ଗରମ ହୁଏ ।
(୩) ଗରମ ହୁଏ ଓଡ଼ିଶାରେ ବେଶି ।
(୪) ଓଡ଼ିଶାରେ ବହୁତ ବେଶି ଗରମ ଲାଗେ ।

(ଗ) (୨) ମୁଁ ଯାଉ ଯାଉ ତାଙ୍କୁ ଦେଖିଲି ।
(୨) ମୁଁ ଗଲାବେଳେ ତାଙ୍କୁ ଦେଖିଲି ।
(୩) ମୁଁ କଟକ ଗଲାବେଳେ ତାଙ୍କୁ ଦେଖିଲି ।
(୪) ମୁଁ ଯାଉ ଯାଉ କଟକ ।

(ଘ) (୧) ଟ୍ରେନଟା କଲିକତାକୁ ଯିବ ।
(୨) କଲିକତାକୁ ଟ୍ରେନଟା ଯିବ ।
(୩) ଯିବ କଲିକତାକୁ ଟ୍ରେନଟା ।
(୪) ଟ୍ରେନ କଲିକତା ଯିବ ।

(ଙ) (୧) ବୁଦ୍ଧିମାନ ଲୋକଙ୍କୁ ସମସ୍ତେ ଆଦର କରନ୍ତି ।
(୨) ବୁଦ୍ଧିମାନ ଲୋକେ ସମସ୍ତଙ୍କ ଦ୍ୱାରା ଆଦୃତ ହୁଅନ୍ତି ।
(୩) ଆଦର ଲୋକକୁ ବୁଦ୍ଧିମାନ କିଏ କରେ ?
(୪) ବୁଦ୍ଧିମାନ ଲୋକକୁ କିଏ ଆଦର ନକରେ ?

(ଚ) (୧) ତମେତ ସେଠାକୁ ଯାଇ ନଥିଲ ।
(୨) ତମେତ ଯାଇନଥିଲ ସେଠାକୁ ।
(୩) ତ ତମେ ସେଠାକୁ ଯାଇ ଥିଲନି ।
(୪) ତମେ କଣ ସେଠାକୁ ଯାଇ ନଥିଲ ?

(ଛ) (୧) ତମ ନାଁ ରାମ କି ?
(୨) ତମ ନାଁ କଣ ରାମ ?
(୩) ତମ ନା କଅଣ ରାମ ?
(୪) ତମେ କି ନା ରାମ ?

୨. ବନ୍ଧନୀ ଭିତରୁ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କରନ୍ତୁ ।
(କ) ଆମ ଘର — ତାଙ୍କ ଘର ବଡ଼ । (ଠା, ଠାରୁ, ରୁ)
(ଖ) ମୁଁ ବରିଷାରେ ବୁଲିବାକୁ ଭଲ — । (ପାଆନ୍ତି, ପାଉଛି, ପାଏ)
(ଗ) ଏ କାମଟା ମୋ — ହୋଇ ପାରିବ । (ଠାରୁ, ପରି, ଦ୍ୱାରା)
(ଘ) ସେ କହିଲେ — ତାଙ୍କ ନାଁ ଭରଦ୍ୱାଜ । (ଯେ, ହେଁ)
(ଙ) ଆପଣ — ମତେ ଯିବାକୁ ପଡ଼ିବ । (ଗଲେନି, ନଗଲେ, ନଯିବେ)

୩. ବନ୍ଧନୀ ମଧ୍ୟରୁ ଶବ୍ଦ ବାଛି ନିମ୍ନଲିଖିତ ବାକ୍ୟଗୁଡ଼ିକରେ ଶୂନ୍ୟସ୍ଥାନ ପୂରଣ କରନ୍ତୁ ।
(ଗୋଟିଏ ଶବ୍ଦ ଥରେ ଲେଖାଏଁ ବ୍ୟବହୃତ ହେବ)
(କାହିଁକି, କଣ, କି, ଯେ, ଦ୍ୱାରା)
(କ) ରଜା କହିଲେ — ଚୋର ଧରିବା ଲୋକକୁ ସେ ପୁରସ୍କାର ଦେବେ ।
(ଖ) ଆପଣ — ସେଠାକୁ ଯାଇଥିଲେ ?
(ଗ) ହୀରାକୁଦ ବନ୍ଧ — ମହାନଦୀର ବନ୍ୟା ଜଳକୁ କିଛି ପରିମାଣରେ ନିୟନ୍ତ୍ରଣ କରାହେଉଛି ।
(ଘ) ତାଙ୍କ ଘର କଟକରେ — ?
(ଙ) ତମର — ଟଙ୍କା ଦରକାର ?

୪. ନିମ୍ନଲିଖିତ ବାକ୍ୟଗୁଡ଼ିକୁ ବନ୍ଧନୀରେ ଥିବା ନିର୍ଦ୍ଦେଶାନୁସାରେ ବଦଳାଇ ବାକ୍ୟଗୁଡ଼ିକ ପୁର୍ନଗଠନ କରନ୍ତୁ ।
(କ) ତାଙ୍କ ଘର କେଉଁଠି ମୁଁ ଜାଣିନି । (ଅସ୍ତିବାଚକ ବାକ୍ୟ)
(ଖ) ସେ କହିଲେ "ମୋର ଯାହା ଇଚ୍ଛା ହେବ ତାହା କରିବି" । (ପରୋକ୍ଷ ଉକ୍ତି)
(ଗ) ଦୁର୍ଘଟଣାରେ ଆହତ ହୋଇଥିବା ବ୍ୟକ୍ତିଟି ମରିଗଲା । (ଜଟିଳ ବାକ୍ୟ)
(ଘ) ସେ ଯେତେବେଳେ ଆମ ଘରକୁ ଆସିଲେ, ସେତେବେଳେ ମୁଁ ଘରେ ନଥିଲି । (ସରଳ ବାକ୍ୟ)
(ଙ) ସେ ଘରକୁ ଗଲା ଏବଂ ଟଙ୍କା ଆଣିଲା । (ସରଳ ବାକ୍ୟ)

## ୧୩.୮ ଆତ୍ମପରୀକ୍ଷଣମୂଳକ ପ୍ରଶ୍ନାବଳୀର ଉତ୍ତର-ସୂଚୀ

୧. (କ) (୨) ପଥରଟି ପହଁରିଲାବେଳେ ମୋ ସାଙ୍ଗରେ ଧକ୍କା ହେଲା ।
(ଖ) (୩) ବହୁତ ଗରମ ହୁଏ ଓଡ଼ିଶାରେ ବେଶି ।
(ଗ) (୪) ମୁଁ ଯାଉ ଯାଉ କଟକ ।
(ଘ) (୪) ଟ୍ରେନ୍‌କୁ କଲିକତା ଯିବ ।
(ଙ) (୩) ଆଦର ଲୋକଙ୍କୁ ବୁଦ୍ଧିମାନ କିଏ କରେ ?
(ଚ) (୩) ତ ତମେ ସେଠାକୁ ଯାଇ ଥିଲନି ।
(ଛ) (୪) ତମ କି ନା ରାମ ?

୨. (କ) — (ଠାରୁ)
(ଖ) — (ପାଏ)
(ଗ) — (ଦ୍ୱାରା)
(ଘ) — (ଯେ)
(ଙ) — (ନଗଲେ)

୩ (କ) — ଯେ
(ଖ) — କାହିଁକି
(ଗ) — ଦ୍ୱାରା

(ଘ) — କି
(ଙ) — କଣ

୪. (କ) ତାଙ୍କ ଘର କେଉଁଠି ମୁଁ ଜାଣିଛି ।
(ଖ) ସେ କହିଲେ ଯେ ତାଙ୍କର ଯାହା ଇଚ୍ଛା ହେବ ସେୟା କରିବେ ।
(ଗ) ଯେଉଁ ଲୋକଟି ଦୁର୍ଘଟଣାରେ ଆହତ ହୋଇଥିଲା ସେ ମରିଗଲା ।
(ଘ) ସେ ଆମ ଘରକୁ ଆସିଥିବାବେଳେ ମୁଁ ନଥିଲି ।
(ଙ) ସେ ଘରକୁ ଯାଇ ଟଙ୍କା ଆଣିଲା ।

## ୧୩.୯ ଉତ୍ତର ପ୍ରଦାନ ପାଇଁ ପ୍ରଶ୍ନାବଳୀ

ପ୍ରବନ୍ଧଟିରେ ଅନ୍ତଃସଂରଚନା ଓ ବାହ୍ୟ ସଂରଚନା ସମ୍ବନ୍ଧରେ ପରିଚ୍ଛେଦଟି ଭଲ ଭାବରେ ପଢ଼ି ତାର ସରଳାର୍ଥ ୧୦୦ଟି ଶବ୍ଦ ଭିତରେ ନିଜ ଭାଷାରେ ଲେଖନ୍ତୁ ।

୧. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ୧୫୦ଟି ଶବ୍ଦ ମଧ୍ୟରେ ଦିଅନ୍ତୁ ।
(କ) ଓଡ଼ିଆ ନାସ୍ତିବାଚକ ବାକ୍ୟ କିପରି ଗଠନ କରାଯାଏ ।
(ଖ) ଓଡ଼ିଆ ଭାଷାରେ କେତେ ପ୍ରକାରର ପ୍ରଶ୍ନବାଚକ ବାକ୍ୟ ଅଛି ?

୨. "ମୁଁ କାଲି ସକାଳେ ସମ୍ବଲପୁର ଯିବି ।"
ଏହି ବାକ୍ୟଟିରେ ଥିବା ଶବ୍ଦଗୁଡ଼ିକର ସଜ୍ଜୀକରଣକ୍ରମ ପରିବର୍ତ୍ତନ କରି କେତେ ପ୍ରକାରର ନିର୍ଭୁଲ ବାକ୍ୟ ଗଠନ କରାଯାଇପାରେ ଦର୍ଶାନ୍ତୁ । ବାକ୍ୟଗୁଡ଼ିକରେ କୌଣସି ଶବ୍ଦ ଯୋଡ଼ା ଯିବ ନାହିଁ କି କୌଣସି ଶବ୍ଦ ବାଦ୍ ପଡ଼ିବ ନାହିଁ ।

୩. ବନ୍ଧନୀ ମଧ୍ୟରେ ଥିବା ନିର୍ଦ୍ଦେଶାନୁସାରେ ନିମ୍ନଲିଖିତ ବାକ୍ୟଗୁଡ଼ିକୁ ପୁନର୍ଗଠନ କରନ୍ତୁ ।
(କ) ସେ ଜଣେ ସଚ୍ଚୋଟ ଲୋକ । (ତୁଳନାତ୍ମକ ବାକ୍ୟ)
(ଖ) ଏ ବର୍ଷ ବହୁତ ଶୀତ ହେବ । (ନାସ୍ତିବାଚକ ବାକ୍ୟ)
(ଗ) ସେ ଘରକୁ ଯାଇଥିବେ । ('କି' ବ୍ୟବହାର କରି ପ୍ରଶ୍ନବାଚକ ବାକ୍ୟ)
(ଘ) କଥାଟା ତାଙ୍କ ମନକୁ ପାଇଗଲା । (ଭବିଷ୍ୟତ କାଳ)
(ଙ) ମଧୁ ଗାଁକୁ ଯାଇଥିଲା ? (କ'ଣ ବ୍ୟବହାର କରନ୍ତୁ)

୪. ନିମ୍ନଲିଖିତ ବାକ୍ୟକୁ ବନ୍ଧନୀ ମଧ୍ୟରେ ଥିବା ନିର୍ଦ୍ଦେଶାନୁସାରେ ପରିବର୍ତ୍ତନ କରନ୍ତୁ—
(କ) ମୁଁ କହିଥିବା କାମ କରିଛି । (ଜଟିଳ ବାକ୍ୟରେ ପରିଣତ କରନ୍ତୁ)
(ଖ) ତୁମେ ଯଦି ଆଜି କଟକ ଯିବ, ତାଙ୍କୁ ନିଶ୍ଚୟ ଭେଟିବ ।
(ଯୌଗିକ ବାକ୍ୟରେ ବ୍ୟବହାର କରନ୍ତୁ)
(ଗ) ସେ ଆନ୍ଧ୍ରରୁ ଆସିଛି । (ରେଖାଙ୍କିତ ଶବ୍ଦକୁ ବହୁବଚନରେ ପରିଣତ କରି ବାକ୍ୟଟିକୁ ପୁନର୍ଗଠନ କରନ୍ତୁ)
(ଘ) ଅଭିରାମ ଫୁଟବଲ ଖେଳୁଛି । (କର୍ମବାଚ୍ୟରେ ପରିଣତ କରନ୍ତୁ)
(ଙ) ତାକୁ ଫୁଟବଲ ଖେଳ ଜଣାଅଛି । (କର୍ତ୍ତୃବାଚ୍ୟରେ ପରିଣତ କରନ୍ତୁ)

୫. ନିମ୍ନଲିଖିତ ବାକ୍ୟଗୁଡ଼ିକ ମଧ୍ୟରୁ କେଉଁଟି ଠିକ୍ ଦର୍ଶାନ୍ତୁ ।
(କ) ୧. ଆପଣ ଏ କାମଟା କରି ନପାରିବେ ।
୨. ଆପଣ ଏ କାମଟା ନକରି ପାରିବେ ।
୩. ଆପଣ ଏ କାମଟା କରି ପାରିବେନି ।
୪. ଆପଣ ଏ କାମଟା ନା କରିପାରିବେ ।
(ଖ) ୧. ସେ ମୁଁ ଅପେକ୍ଷା ଭଲ ଖେଳେ ।
୨. ମୁଁ ସେ ଅପେକ୍ଷା ଭଲ ଖେଳେ ।

୩. ସେ ମୋତେ ଠାରୁ ଭଲ ଖେଳେ ।

୪. ସେ ମୋଠାରୁ ଭଲ ଖେଳେ ।

(ଗ) ୧. ଆକବର କି ଜଣେ ଦକ୍ଷ ଶାସକ ଥିଲେ ?

୨. ଆକବର କଣ ଜଣେ ଦକ୍ଷ ଶାସକ ଥିଲେ ?

୩. ଆକବର କେଉଁ ଜଣେ ଦକ୍ଷ ଶାସକ ଥିଲେ ?

୪. ଆକବର ଜଣେ କେମିତି ଦକ୍ଷ ଶାସକ ଥିଲେ ?

(ଘ) ୧. ସେ ଓ ମୁଁ ବୁଲିବାକୁ ଯାଉଛି ।

୨. ମୁଁ ଓ ସେ ବୁଲିବାକୁ ଯାଉଛି ।

୩. ମୁଁ ଓ ସେ ବୁଲିବାକୁ ଯାଉଛେ ।

୪. ସେ ଓ ମୁଁ ବୁଲିବାକୁ ଯାଉଛୁ ।

(ଙ) (୧) ସେ ଯାଇଥିବେ ପଡ଼ିଗଲେ ।

(୨) ସେ ଯାଉଥିଲେ ପଡ଼ିଯିବେ ।

(୩) ସେ ଯାଉ ଯାଉ ପଡିଗଲେ ।

(୪) ସେ ଯାଉଥିବେ ପଡ଼ିଗଲେ ।

୬. ପ୍ରବନ୍ଧଟିକୁ ଭଲ ଭାବରେ ପଢ଼ି ନିମ୍ନଲିଖିତ ବାକ୍ୟଗୁଡିକର ଶୂନ୍ୟସ୍ଥାନ ପୂରଣ କରନ୍ତୁ ।

(କ) କିନ୍ତୁ — ବିଶେଷରେ ଈଶ୍ୱରଙ୍କ ମହିମା ପ୍ରକାଶ — ଅଥବା କବିର କଳ୍ପନାରେ ଏହାର ବ୍ୟତିକ୍ରମ ହୋଇଥାଏ ।

(ଖ) ଓଡ଼ିଆରେ — ଗୁଡିକ ବାକ୍ୟ ସଂରଚନାରେ ସାହାଯ୍ୟ କରନ୍ତି ।

(ଗ) — ର ଏକ ବିକଳ୍ପ ରୂପ ହେଉଛି — ।

(ଘ) — ଉକ୍ତିକୁ — ଉକ୍ତିରେ ପରିଣତ କରାଯାଇପାରେ ।

(ଙ) କେତେକ ବାକ୍ୟ — ବ୍ୟକ୍ତ କରିଥାନ୍ତି ।

(ଚ) — ଅନୁସାରେ ଗୋଟିଏ ବାକ୍ୟର ଭାବକୁ ଭିନ୍ନ ଭିନ୍ନ ରୂପରେ କୁହାଯାଇପାରେ ।

(ଛ) ଏହି — ଗୁଡିକ ଛଡ଼ା ତୁଳିତ ହେଉଥିବା ବ୍ୟକ୍ତି ବା ବସ୍ତୁସହ ଲଗାଇ ମଧ୍ୟ ତୁଳନାତ୍ମକ ବାକ୍ୟ ରଚିତ ହୁଏ ।